# NATIONAL NEWS BULLETIN (ODIA)
## 26 August - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ସୀମାନ୍ତ ଅଞ୍ଚଳରେ ଭୌଗଳିକ ପରିବର୍ତ୍ତନ ଦେଶର ସୁରକ୍ଷା ଉପରେ ପ୍ରଭାବ ପକାଇଥାଏ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଭାରତୀୟ ନୌସେନାରେ ଆଜି ପ୍ରଥମଥର ପାଇଁ ଏକକାଳୀନ ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦୁଇଟି ଯୁଦ୍ଧ ଜାହାଜ ସାମିଲ ।
- ଆସନ୍ତା ମାସ ୨୩ ତାରିଖରେ ପାଳନ କରାଯିବ ଆୟୁର୍ବେଦ ଦିବସ ।
- ସେବା ଓ ଦ୍ରବ୍ୟକର ଉପରେ ସତ୍ୟତା ନଥିବା କୌଣସି ଗୁଜୁବକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଲା ସି.ବି.ଆଇ.ସି. ।

ଏବଂ

- ପ୍ରବଳ ବର୍ଷା ଜନିତ ପରିସ୍ଥିତି ଯୋଗୁଁ ଜାମ୍ମୁ କାଶ୍ମୀରର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ।

# ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସୀମାନ୍ତ ଅଞ୍ଚଳରେ ଭୌଗଳିକ ପରିବର୍ତ୍ତନ ଦେଶର ସୁରକ୍ଷା ଏବଂ ସୀମାନ୍ତ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ନୂଆଦିଲ୍ଲୀ ଠାରେ ଦୁଇ ଦିନିଆ ଭାଇବ୍ରେଣ୍ଟ ଗ୍ରାମ କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶାହା ଏହା କହିଛନ୍ତି ।

ସେ କହିଛନ୍ତି, ମୋଦୀ ସରକାରଙ୍କ ଦ୍ୱାରା ଭାଇବ୍ରେଣ୍ଟ ଗ୍ରାମ ଯୋଜନା ଆରମ୍ଭ କରାଯାଇଥିଲା । ସୀମାନ୍ତ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକର ଲୋକମାନେ ଅନ୍ୟ ରାଜ୍ୟ ଏବଂ ଦେଶକୁ ପଳାଇଯାଉଥିବାରୁ ଏହାକୁ ରୋକିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା । ଶ୍ରୀ ଶାହା କହିଛନ୍ତି, ଏହି ଯୋଜନା ଆରମ୍ଭ ହେବା ଦ୍ୱାରା ସରକାର ଏଥିରେ ଶତପ୍ରତିଶତ ସଫଳତା ହାସଲ କରିପାରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଏହି ଯୋଜନା ଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଭିତ୍ତିଭୂମି, ସଂରକ୍ଷଣ ଏବଂ ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ରକୁ ଏହି ସୀମାନ୍ତ ଗ୍ରାମ ଅଞ୍ଚଳରେ ପ୍ରୋତ୍ସାହିତ କରାଯାଇପାରିଛି ।

ଅରୁଣାଚଳ ପ୍ରଦେଶରେ ଏହି ଯୋଜନା ଆରମ୍ଭ ହେବା ଦ୍ୱାରା ସେଠାକାର ସୀମାନ୍ତ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ବସତି ବୃଦ୍ଧି ପାଇଛି । ଭାଇବ୍ରେଣ୍ଟ ଗ୍ରାମ ଯୋଜନା ତିନୋଟି ମୁଖ୍ୟ ଲକ୍ଷ୍ୟ ନେଇ କାର୍ଯ୍ୟ

କରୁଛି । ସୀମାନ୍ତ ଗ୍ରାମଗୁଡ଼ିକରେ ଦେଶାନ୍ତରଣ ବନ୍ଦ କରିବା, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଏହି ଅଞ୍ଚଳର ଲୋକମାନେ ଉପକୃତ ହେବା ଏବଂ ସୀମାନ୍ତ ଏବଂ ଜାତୀୟ ସୁରକ୍ଷାକୁ ଦୃଢ଼ିଭୂତ କରିବାର ଲକ୍ଷ୍ୟ ନେଇ ଏହି ଗ୍ରାମଗୁଡ଼ିକର ବିକାଶଧାରାକୁ ବଜାୟ ରଖିବା ଏହି ଯୋଜନାର ଲକ୍ଷ୍ୟ ରହିଛି ।

ଶ୍ରୀ ଶାହା କହିଛନ୍ତି, ଏହି ଯୋଜନା ଅଧୀନରେ ଗ୍ରାମଗୁଡ଼ିକର ବସତି ହ୍ରାସ ପାଇବାର କାରଣ ଜଣାପଡ଼ିବା ସହ କିଛି ବର୍ଷ ମଧ୍ୟରେ ଏଥିରେ ସୁଧାର ଅଣାଯାଇ ଦେଶର ତଥା ସୀମାନ୍ତ ଅଞ୍ଚଳର ସୁରକ୍ଷାକୁ ସୁଦୃଢ଼ କରାଯାଇପାରିଛି ।

## ରାଜନାଥ ସିଂହ

ଭାରତୀୟ ନୌସେନାରେ ଆଜି ଉଦୟଗିରି ଏବଂ ହିମଗିରି ଯୁଦ୍ଧ ଜାହାଜକୁ ସାମିଲ କରାଯାଇଛି । ବିଶାଖାପାଟଣା ପୂର୍ବାଞ୍ଚଳ ନୌବନ୍ଦର ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ଦୁଇଟି ଯୁଦ୍ଧ ଜାହାଜକୁ ପ୍ରଥମଥର ପାଇଁ ଏକକାଳୀନ ନୌସେନାରେ ନିୟୋଜିତ କରିଛନ୍ତି । ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଏହି ଯୁଦ୍ଧ ଜାହାଜ ଭାରତର ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହେବ । ଆତ୍ମନିର୍ଭରଶୀଳ ଭାରତର ଏହା ଏକ ଉତ୍କୃଷ୍ଟ ଉଦାହରଣ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**V/O-1-RAJNATH-INDIAN-NAVY**

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧ ଜାହାଜ ଆଧୁନିକ ଯୁଦ୍ଧ ବ୍ୟବସ୍ଥା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ନିୟୋଜିତ କରାଯିବ ବୋଲି ସୂଚନା ମିଳିଛି ।

# ଆୟୁର୍ବେଦ ଡେ

ଆୟୁର୍ବେଦ ଦିବସ ଆସନ୍ତା ମାସ ୨୩ ତାରିଖରେ ପାଳନ କରାଯିବ । ପ୍ରଥମଥର ପାଇଁ ଏକ ନିର୍ଦ୍ଧାରିତ ତାରିଖରେ ଆୟୁର୍ବେଦ ଦିବସ ପାଳିତ ହେବାକୁ ଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି, 'ବିଶ୍ୱ ଏବଂ ସାଧାରଣ ଜନତାଙ୍କ ପାଇଁ ଆୟୁର୍ବେଦ' । ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ବାର୍ତ୍ତା ଘୋଷଣା କରିବା ଅବସରରେ କହିଛନ୍ତି, ଆୟୁର୍ବେଦ କେବଳ ସ୍ୱାସ୍ଥ୍ୟ ଯତ୍ନ କରିବାର ଏକ ପ୍ରକ୍ରିୟା ନୁହେଁ, ଏହା ମାନବ ଏବଂ ପରିବେଶ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ବୈଜ୍ଞାନିକ ଜୀବନଧାରା । ଶ୍ରୀ ଯାଦବ କହିଛନ୍ତି, ସେପ୍ଟେମ୍ବର ୨୩ ତାରିଖକୁ ଆୟୁର୍ବେଦ ଦିବସ ଭାବେ ଘୋଷଣା କରାଯାଇ ଆୟୁର୍ବେଦକୁ ବିଶ୍ୱ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇପାରିଛି । ଆୟୁଷ ମନ୍ତ୍ରଣାଳୟ କହିଛି, ନବମ ଆୟୁର୍ବେଦ ଦିବସ ପାଳନ ଅବସରରେ ଦେଶରେ ବିଭିନ୍ନ ଭାଗରେ ସଚେତନତା ଅଭିଯାନ, ଆୟୁର୍ବେଦରେ ଯୁବକମାନଙ୍କୁ ସାମିଲ କାର୍ଯ୍ୟକ୍ରମ, ଆୟୁର୍ବେଦ ଚିକିତ୍ସାର ପ୍ରଚାର ଓ ପ୍ରସାର ତଥା ଆୟୁଷ ମନ୍ତ୍ରଣାଳୟ ସହ

ଆନ୍ତର୍ଜାତିକ ସ୍ତରରେ ସଂଯୋଜନା ବୃଦ୍ଧି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୂର୍ବରୁ ଆୟୁର୍ବେଦ ଦିବସ ଧନନ୍ତ୍ୱରି ଜୟନ୍ତୀ ଅବସରରେ ପାଳନ କରାଯାଉଥିଲା ।

## ପ୍ରେଜ୍-ଗଣେଶ ଚତୁର୍ଥୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଗଣେଶ ଚତୁର୍ଥୀ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ସମଗ୍ର ଦେଶରେ ଏହି ପର୍ବ ଅତ୍ୟନ୍ତ ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରାଯାଉଛି । ଭଗବାନ ଗଣେଶ ବୁଦ୍ଧି ଏବଂ ପ୍ରାଣୀମାନଙ୍କର କଲ୍ୟାଣର ପ୍ରତୀକ ଭାବେ ପୂଜା ପାଇଥାନ୍ତି । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ନୂତନ ଜୀବନ ଆରମ୍ଭ କରିବା ଏବଂ ବାଧାବିଘ୍ନକୁ ଦୂରେଇବା ପାଇଁ ଭଗବାନ ଗଣେଶଙ୍କୁ ଆରାଧନା କରାଯାଇଥାଏ । ଏହି ପର୍ବ ମାନବ ଜାତି ମଧ୍ୟରେ  ନୂତନ ଲକ୍ଷ୍ୟ ଏବଂ ସକାରାତ୍ମକ ଭାବନା ସୃଷ୍ଟି କରିଥାଏ ।

## ସିବିଆଇସି-ଜିଏସ୍‌ଟି

କେନ୍ଦ୍ରୀୟ ପରୋକ୍ଷ କର ଏବଂ ଟିକସ ବୋର୍ଡ୍ – ସି.ବି.ଆଇ.ସି. ସରକାର ନିର୍ଦ୍ଧାରିତ କରିଥିବା ଜି.ଏସ୍.ଟି. କର ଉପରେ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛି । ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ସି.ବି.ଆଇ.ସି. କହିଛି, ଜି.ଏସ୍.ଟି. ପରିଷଦରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଲୋକମାନଙ୍କୁ ସୁହାଇଲା ଭଳି ଜି.ଏସ୍.ଟି. ଟିକସ ଧାର୍ଯ୍ୟ କରାଯାଇଛି । ଏହି ପ୍ରସଙ୍ଗରେ କୌଣସି ସତ୍ୟତା ନଥିବା କଥାକୁ ଗ୍ରହଣ ନ କରିବା ପାଇଁ ଜନସାଧାରଣଙ୍କୁ ସି.ବି.ଆଇ.ସି. ପକ୍ଷରୁ ଅନୁରୋଧ କରାଯାଇଛି । ଏହି ବିଷୟରେ ସରକାରୀ ଘୋଷଣାନାମାକୁ ଅପେକ୍ଷା କରିବା ପାଇଁ ସାଧାରଣ ଲୋକଙ୍କୁ ସି.ବି.ଆଇ.ସି. ପରାମର୍ଶ ଦେଇଛି । ଆସନ୍ତା ମାସ ୩ ଏବଂ ୪ ତାରିଖରେ ଜି.ଏସ୍.ଟି. ପରିଷଦରେ ଏ ବିଷୟରେ ବିଧିବଦ୍ଧ ନିଷ୍ପତ୍ତି ନିଆଯିବ ବୋଲି ସି.ବି.ଆଇ.ସି. କହିଛି ।

## ଗଭ୍-ଏଜୁକେସନ୍

ସାରା ଦେଶରେ ଶିକ୍ଷା ପ୍ରଦାନ କରିବାରେ ସରକାରୀ ସ୍କୁଲ୍ ଗୁଡ଼ିକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଦେଶରେ କେବଳ ୫୬ ପ୍ରତିଶତ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଚିହ୍ନଟ କରାଯାଇଛି ବୋଲି ଜଣାପଡ଼ିଛି । ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ହାର ୬୬ ପ୍ରତିଶତ ରହିଥିବା ବେଳେ ସହରରେ ଏହା ପ୍ରାୟ ୩୦ ପ୍ରତିଶତ ରହିଛି । ସରକାରୀ ବିଦ୍ୟାଳୟରେ ଜଣେ ଛାତ୍ର ପିଛା ୨ ହଜାର ୮୬୩ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବେସରକାରୀ ବିଦ୍ୟାଳୟରେ ୨୫ ହଜାର ଟଙ୍କା

ଖର୍ଚ୍ଚ ହେଉଛି ବୋଲି ଜଣାପଡ଼ିଛି । ସର୍ବଭାରତୀୟ ସ୍ତରରେ ଜଣେ ଛାତ୍ର ପିଛା ଚଳିତ ଶିକ୍ଷା ବର୍ଷରେ ପାଠପଢ଼ା ଖର୍ଚ୍ଚ ୭ ହଜାର ଟଙ୍କାରୁ ଅଧିକ ରହିଥିବା ବେଳେ ପୁସ୍ତକ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୨ ହଜାର ଟଙ୍କା ରହିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଏ କ୍ଷେତ୍ରରେ ଅଧିକ ଖର୍ଚ୍ଚ ହୋଇଥିବା ସର୍ଭେରୁ ଜଣାପଡ଼ିଛି ।

## ଇଣ୍ଡିଆ ପୋଷ୍ଟ – ରିଭ୍ୟୁ

ନୂଆଦିଲ୍ଲୀଠାରେ ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ରଶେଖର ପେମାସାଣି ଭାରତୀୟ ଡାକ ଏବଂ ଡାକ ବ୍ୟାଙ୍କ୍‌ର କାର୍ଯ୍ୟଶୈଳୀ ଉପରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଡାକ ବିଭାଗରେ ଡିଜିଟାଲ୍ ପଦ୍ଧତିରେ ଦେଣନେଣ, ହିତାଧିକାରୀମାନଙ୍କ ସୁବିଧାସୁଯୋଗ ବୃଦ୍ଧି ଏବଂ ସାରା ଦେଶରେ କିଭଳି ଏହି ସେବାର ପ୍ରଚଳନ ବୃଦ୍ଧି କରାଯିବ ସେ ଦିଗରେ ଆଲୋଚନା ହୋଇଛି ।

ଏଥିରେ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପେମାସାଣି ଭାରତୀୟ ଡାକ ଏବଂ ଭାରତୀୟ ଡାକ ବ୍ୟାଙ୍କ୍ ମଧ୍ୟରେ ସମନ୍ୱୟ ରକ୍ଷା କରି କିଭଳି ଉପାନ୍ତ ଅଞ୍ଚଳରେ ଥିବା ସାଧାରଣ ଲୋକଙ୍କ ଦ୍ୱାରଦେଶରେ ସହଜ ସେବା ଉପଲବ୍ଧ କରାଯାଇପାରିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଶ୍ୱାସ, ଅର୍ଥନୈତିକ ଅନ୍ତର୍ଭୁକ୍ତିକରଣ ଏବଂ ଉପାନ୍ତ ଅଞ୍ଚଳରେ ସେବା ଯୋଗାଣ ଉପରେ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟ ଡାକ ଏବଂ ଡାକ ବ୍ୟାଙ୍କ୍ ବ୍ୟବସ୍ଥାରେ

୧୨ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ସାମିଲ ହେବା ଫଳରେ ୨ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ ହେବା ସହ ୧୩୪ କୋଟି ଟଙ୍କାର ଲାଭାଂଶ ସରକାର ପାଇପାରିଛନ୍ତି ବୋଲି ସୂଚନା ମିଳିଛି । ସେହିପରି ଏହି କ୍ଷେତ୍ରରେ ବାର୍ଷିକ ଅଭିବୃଦ୍ଧି ୬୦ରୁ ୭୦ ପ୍ରତିଶତକୁ ବୃଦ୍ଧି ପାଇପାରିଛି ।

## ଜେ ଆଣ୍ଡ କେ-ରେନ୍‌ଫଲ୍

ଜାମ୍ମୁ କାଶ୍ମୀରରେ ପ୍ରବଳ ବର୍ଷା ହେବା ଯୋଗୁଁ ତିନି ଜଣଙ୍କର ମୃତ୍ୟୁ ହେବା ସହ ୨୪ରୁ ଅଧିକ ଘର ଏବଂ ପୋଲ କ୍ଷତିଗ୍ରସ୍ତ ହୋଇଛି । ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ନଦୀ ଗୁଡ଼ିକର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ତଳିଆ ଅଞ୍ଚଳ ଜଳମଗ୍ନ ହେବାରୁ ଜନଜୀବନ ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ସହରରେ ମଧ୍ୟ ଜଳବନ୍ଦୀ ଅବସ୍ଥା ଦେଖିବାକୁ ମିଳିଛି ।

ଆମ ଆକାଶବାଣୀ ଜାମ୍ମୁ ସମ୍ବାଦଦାତାଙ୍କ ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା କହିଛନ୍ତି, ଜାମ୍ମୁର ଅଧିକାଂଶ ଅଞ୍ଚଳର ଅବସ୍ଥା ଗମ୍ଭୀର ରହିଛି । ଶ୍ରୀନଗରରୁ ଜାମ୍ମୁ ଯାଉଥିବା ପରବର୍ତ୍ତୀ ବିମାନରେ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଅଞ୍ଚଳ ଯାଇ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି । ଜିଲ୍ଲା ପ୍ରଶାସନ ମାନଙ୍କୁ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଜାମ୍ମୁ-ଶ୍ରୀନଗର ଏବଂ କିସ୍ତୱାର୍-ଡୋଡା ଜାତୀୟ ରାଜପଥ

ଉପରେ ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ପ୍ରବଳ ବର୍ଷା ଜନିତ ବନ୍ୟା ପରିସ୍ଥିତି ଏବଂ ଭୂସ୍ଖଳନ ଯୋଗୁଁ ଶହ ଶହ ଗାଡ଼ି ଜାତୀୟ ରାଜପଥରେ ଅଟକି ରହିଥିବାର ସୂଚନା ମିଳିଛି । ମାତା ବୈଷ୍ଣୋଦେବୀଙ୍କୁ ଦର୍ଶନ କରିବାକୁ ଯାଉଥିବା ଶ୍ରଦ୍ଧାଳୁମାନଙ୍କୁ ସେଠାକୁ ଯିବା ପାଇଁ ବାରଣ କରାଯାଇଛି ।

## ପଞ୍ଜାବ ଫ୍ଲଡ୍

ପଞ୍ଜାବର ବିଭିନ୍ନ ଜିଲ୍ଲାରେ ଥିବା ଗ୍ରାମାଞ୍ଚଳରେ ବନ୍ୟା ପରିସ୍ଥିତି ଦେଖାଯିବା ଯୋଗୁଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୩୬ ଘଣ୍ଟା ମଧ୍ୟରେ ହିମାଚଳ ପ୍ରଦେଶର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁଁ ପଞ୍ଜାବରେ ଏଭଳି ସ୍ଥିତି ଦେଖାଦେଇଛି । ପଞ୍ଜାବ ଜଳ ସମ୍ପଦ ମନ୍ତ୍ରୀ ବାରିନ୍ଦର କୁମାର ଗୋୟଲ ସ୍ଥିତିର ଅନୁଧ୍ୟାନ କରିବା ସହ ସେନା, ବି.ଏସ୍.ଏଫ୍., ଜାତୀୟ ବିପର୍ଯ୍ୟୟ ପ୍ରସମନ ବାହିନୀ ତଥା ସ୍ଥାନୀୟ ପ୍ରଶାସନ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତଦାରଖ କରୁଛନ୍ତି ।